# ପିଲାମାନଙ୍କ ପାଇଁ ବାଇବଲ

## ଉପହାର



# ତାଡ଼ନା କାରୀରୁ ପ୍ରଚାରକ

ଲେଖକ: Edward Hughes

ଦୃଷ୍ଟାନ୍ତ: Janie Forest

ଉପଯୋଜକ: Ruth Klassen

ଅନୁବାଦକ: Prasanta Bhuyan

Alastair Paterson

ପ୍ରୟୋଯୋକ: Bible for Children
www.M1914.org

©2020 Bible for Children, Inc.
ଅନୁମତି ପତ୍ର: ଏଠାରେ ଥିବା ସବୁ କାହାଣୀର ଅବିକଳ ନକଲ ଅବା ପ୍ରିଣ୍ଟ କରିବାକୁ
ଆପଣଙ୍କର ଅଧୀକାର ଅଛି,· ଯେଉଁ ପର୍ଯନ୍ତ ଆପଣ ଏହାକୁ ବିକ୍ରୀ କରନ୍ତି ନାହିଁ ।



ପ୍ରଥମ ମଣ୍ଡଳୀରେ
ସଦାପ୍ରଭୁ ତାଙ୍କ
ଲୋକମାନଙ୍କ ଦ୍ୱାରା
ମହାନ କାର୍ଯ୍ୟ ସାଧନ କଲେ ।
ଜଣେ, ଫିଲିପ୍ପ ନମରେ ଏକ ପ୍ରେରିତ,

ଶମିରଣିୟ ନଗରକୁ ଯାଇ
ଲୋକମାନଙ୍କ ନିକଟରେ ଖ୍ରୀଷ୍ଟଙ୍କୁ
ଘୋଷଣା କରିବାକୁ ଲାଗିଲେ । କିନ୍ତୁ
ଇଶ୍ୱର ତାଙ୍କୁ ମରୁଭୂମିକୁ ପ୍ରେରଣ
କଲେ । କାହିଁକି?



ଇଶ୍ୱର ଜାଣିଥିଲେ ସେହି ମରୁଭୂମି ଅଞ୍ଚଳରେ ଏକ ପଥିକ ଅଛି ଯେ ଏକ ଉଚ୍ଚ ପଦ ପ୍ରାପ୍ତ ଲୋକ ସେ କୁଶ୍ ଦେଶିୟମାନଙ୍କ କାଣ୍ଡାକୀ ନାମ୍ନୀ ରାଣୀଙ୍କ ଅଧିନସ୍ତ ଥିଲେ । ସେ ବାହୁଡ଼ି ଯାଉ ଯାଉ ଆପଣା ରଥରେ ବସି ବିଶେଷ ଶାସ୍ତ୍ର ପାଠ କରୁଥିଲେ ।

ତୁମେ କହିପାର କି ସେ କେଉଁ ଶାସ୍ତ୍ରକୁ ପାଠ କରୁଥିଲେ?



ଯେତେବେଳେ
ଫିଲ୍ପ୍ପ ଈଶ୍ୱରଙ୍କ
ବାଧ୍ୟ ହେଲେ, ସେ
ତାହାଙ୍କୁ ସେହି ପଦ ପ୍ରାପ୍ତ
ଲୋକଙ୍କ ନିକଟକୁ ନେଇଗଲେ
ଯେ ଈଶ୍ୱରଙ୍କ ଶାସ୍ତ୍ରରୁ ପଠ କରୁଥିଲେ
କିନ୍ତୁ କିଛି ବୁଝି ପାରୁ ନ ଥିଲେ । ସେ ଫିଲିପ୍ପଙ୍କୁ
ତାଙ୍କ ସହିତ ଯିବାକୁ ନିମନ୍ତ୍ରଣ କଲେ ।

ଏହାର ତାତ୍ପର୍ଯ୍ୟ କଅଣ, ସେହି ପଦ ପ୍ରାପ୍ତ ଲେକ ଫିଲିପ୍ପଙ୍କୁ ପଚାରିଲେ । ସେହି ମରୁଭୂମିରେ ରଥ ଯିବା ସମୟରେ ଫିଲିପ୍ପ ମୁଖ ଫିଟାଇ ଶାସ୍ତ୍ରର ଏହି ବାକ୍ୟରୁ ଆରମ୍ଭ କରି ତାଙ୍କ ନିକଟରେ ଯୀଶୁଙ୍କ ସୁସମାଚାର ପ୍ରଚାର କଲେ ।





ସେହି ଆଫ୍ରିକୀୟ ଶାସନକର୍ତ୍ତା
ଶିଘ୍ର ବାଇବଲର ବାକ୍ୟ ଉପରେ ଓ ଯୀଶୁ ଯେ
ଇଶ୍ୱରଙ୍କ ପୁତ୍ର ତାହା ବିଶ୍ୱାସ କଲେ । ଆଉ ସେମାନେ
ପଥରେ ଯାଉ ଯାଉ କୌଣସି ଏକ ସ୍ଥାନରେ ଜଳାଶୟ ଦେଖି
ସେ କହିଲା, ମୋହର ବାପ୍ତିଜିତ ହେବା ନିମନ୍ତେ କଅଣ ବାଧା ଅଛି?

ଫିଲିପ୍ପ କହିଲେ, ଯଦି ଆପଣ ସମସ୍ତ ଅନ୍ତକରଣ ସହିତ ବିଶ୍ୱାସ କରିନ୍ତି, ତାହାହେଲେ ହୋଇ ପାରେ । ସେଥିରେ ସେ ଉତ୍ତର ଦେଲେ, ଯୀଶୁଖ୍ରୀଷ୍ଟ ଯେ ଇଶ୍ୱରଙ୍କ ପୁତ୍ର, ଏହା ମୁଁ ବିଶ୍ୱାସ କରୁଅଛି । ପୁଣି ଫିଲିପ୍ପ ତାହକୁ ଜଳ ଭିତରକୁ ନେଇ ବାପ୍ତିସ୍ମ ଦେଲେ ।



ସେମାନେ ଜଳ ମଧ୍ୟରୁ ଉଠି ଆସନ୍ତେ, ପ୍ରଭୁଙ୍କର
ଆତ୍ମା ଫିଲିପ୍ପଙ୍କୁ ଘେନିଗଲେ, ପୁଣି ନଫୁଶଂକ ତାଙ୍କୁ
ଦେଖି ପାରିଲେ ନାହିଁ । ସେ ଆନନ୍ଦ କରୁ କରୁ
ଆପଣା ପଥରେ ଚ଼ଲିଗଲେ ।



କିନ୍ତୁ କେତେକ ଲୋକ ବିଶ୍ୱାସି ମାନଙ୍କୁ ଘୃଣା କରୁଥିଲେ, ଷ୍ଟିଫାନ, ଫିଲିପଙ୍କ ବନ୍ଧୁମାନଙ୍କ ମଧ୍ୟରୁ ଜଣେ ଥିଲେ । ସେ ସେହି କ୍ରୋଧିତ ଲୋକମାନଙ୍କ ଦ୍ୱାରା ମାରାପଡ଼ିଗଲେ । ସେମାନେ ଯୀଶୁଙ୍କ ବିଷୟରେ ଶୁଣିବାକୁ ଇଛା କରୁ ନଥିଲେ । ଶାଉଲ ନାମରେ ଏକ ଯୁବକ ଯେ କି ତାର୍ଶ ନଗରର ଲୋକ ସେ ଷ୍ଟିଫାନଙ୍କୁ ବଧକରିବାକୁ ସାହାଯ୍ୟ କଲା । ଶାଉଲ ସମସ୍ତ ବିଶ୍ୱାସି ବିଶ୍ୱାସିନୀ ମାନଙ୍କୁ ଘୃଣା କରୁଥିଲେ ।



ଶାଉଲ, ବିଶ୍ୱାସି ମାନଙ୍କୁ ପୁରୁଷ କିମ୍ବା ସ୍ତ୍ରୀର
ଦେଖା ପାଆନ୍ତି, ଯେପରି ସମାନଙ୍କୁ ବାନ୍ଧି
ଯିରୁଶାଲମକୁ ଆଣି ପାରନ୍ତି ଏଥି ସକାଶେ
ଦମ୍ମେଶକର ସମସ୍ତ ସମାଜ ଗୃହକୁ ଯାଇ
ସେମାନଙ୍କଠାରୁ ପତ୍ର ମାଗିଲେ ।





ତାର୍ଶ ନଗରର ଶାଉଲ, ସେ
ଜାଣିନଥିଲା ଯେତେବେଳେ
ସେ ପ୍ରଭୁଙ୍କ ଲୋକମାନଙ୍କୁ
ତାଡ଼ାନା କଲେ ମାତ୍ର
ବାସ୍ତବରେ ସେ ଯୀଶୁଙ୍କୁ
ତାଡ଼ନା କରୁଥିଲେ । ପ୍ରଭୁ
ଶାଉଲଙ୍କୁ ରୋକିବା
ଆବଶ୍ୟକ ।  କିନ୍ତୁ କିପରି?

ପ୍ରଭୁ ଶାଉଲ ଧରିଲେ, ଶାଉଲ,

ଯେତେବେଳେ ଶାଉଲ ଦମ୍ମେଶକର

ରାସ୍ତାରେ ଥିଲେ, ଆକାଶରୁ ଆଲୋକ

ତାଙ୍କ ଚାରିଆଡ଼େ ଚମକି ଉଠିଲା ।

ଶାଉଲ ଭୂମିରେ ପଡ଼ିଗଲେ । ସେ

ଏକ ବାଣୀ ଶୁଣିଲେ ।





ହେ ପ୍ରଭୁ, ଆପଣ କିଏ? ମୁଁ ଯୀଶୁ ଯାହାଙ୍କୁ ତୁମ୍ଭେ ତାଡ଼ନା କରୁଅଛ ।
ଭୟରେ ଓ ବିସ୍ମିତ ଭାବରେ ଶାଉଲ ପଚ଼ାରିଲେ, ହେ ପ୍ରଭୁ ମୋତେ
କଅଣ କରିବାକୁ ହେବ? ପୁଣି ପ୍ରଭୁ ତାହଙ୍କୁ କହିଲେ, ଉଠ ନଗରରେ
ପ୍ରବେଶ କର ଆଉ ତୁମ୍ଭକୁ କଅଣ କରିବାକୁ ହେବ ତାହା କୁହାଯିବ ।

ଶାଉଲଙ୍କ ସହିତ ଥିବା
ଲୋକମାନେ ମଧ୍ୟ ସେହି ସ୍ୱର
ଶୁଣିଥିଲେ, ମାତ୍ର କିଛି ଦେଖିଲେ
ନାହିଁ । ଶାଉଲ ଭୂମିରୁ ଉଠିଲେ
ସେତେବେଳେ ସେ କିଛି ଦେଖି
ପାରିଲେ ନାହିଁ । ସେମାନେ
ତାଙ୍କ ହାତଧରି
ଦମ୍ମେଶକକୁ
ନେଇଗଲେ ।



ନଗରରେ ଶାଉଲ ତିନିଦିନ ପର୍ଯ୍ୟନ୍ତ ଦୃଷ୍ଟିହିନ
ହୋଇ ରହିଲେ ପୁଣି କିଛି ଖାଇଲେ ନାହିଁ କି
ପିଇଲେ ନାହିଁ । ହୋଇପାରେ ସେ ସେହି
ସମୟ ଯୀଶୁଙ୍କୁ ପ୍ରାର୍ଥନାରେ ବିତାଇଲେ
ଯେ ଦମ୍ମେଶକର ରାସ୍ତାରେ
ତାଙ୍କୁ ଦେଖା ଦେଲେ ।



ପ୍ରଭୁ ସମସ୍ତ କିଛି ଯୋଜନା କରି ରଖିଥିଲେ ।

ଦମ୍ମେଶକରେ ହନନୀୟ ନମରେ ଜଣେ ଶିଶ୍ୟ ଥିଲେ ।

ପ୍ରଭୁ ତାଙ୍କୁ ଶାଉଲଙ୍କୁ ସାହାଯ୍ୟ କରିବାକୁ ପ୍ରେରଣ

କଲେ । କିନ୍ତୁ ହନନୀୟ ଭୟ କଲେ । ମାତ୍ର

ପ୍ରଭୁଙ୍କର ବାଧ୍ୟ ହେଲେ । ଯେତେବେଳେ

ସେ ଶାଉଲଙ୍କ ଉପରେ ହସ୍ତାର୍ପଣ

କଲେ ପୁଣି ଶାଉଲ

ଦେଖିପାରିଲେ

ଶାଉଲ ମଧ୍ୟ

ପବିତ୍ର ଆତ୍ମାରେ

ପୂର୍ଣ୍ଣ ହେଲେ ।





ଶାଉଲ ବାପ୍ତିଜିତ ହେଲେ । ଆଉ ସେ ଭୋଜନ କରି ବଳ ପାଇଲେ, ଶାଉଲଙ୍କୁ ଶକ୍ତିର ଆବଶ୍ୟକତା ଥିଲା । ତାଙ୍କ ଅତି ମହତ୍ୱପୂର୍ଣ୍ଣ କାର୍ଯ୍ୟ କରିବାକୁ ଥିଲା ।

ସଂଙ୍ଗେ ସଂଙ୍ଗେ ଶାଉଲ ସମାଜ ଗୃହରେ ଯୀଶୁଙ୍କ
ବିଷୟରେ ପ୍ରଚ଼ାର କଲେ, ଯେ ସେ ଇଶ୍ୱରଙ୍କ ପୁତ୍ର
ଅଟନ୍ତି । ଯେତେଲୋକ ତାହା ଶୁଣିଲେ ସମସ୍ତେ
ଆଚ଼ମ୍ବିତ ହେଲେ । ଏ କି ସେହି ନୁହେଁ ଯେ
ବିଶ୍ୱାସି ମାନଙ୍କୁ ଛିନ୍ନ ଭିନ୍ନ କଲା, ଏବଂ
ସେମାନେ ଶାଉଲଙ୍କୁ
ହତ୍ୟା କରିବାକୁ
ମନ୍ତ୍ରଣା କଲେ ।





ଶାଉଲଙ୍କ ନୂତନ ଶତ୍ରୁମାନେ ତାଙ୍କୁ ହତ୍ୟା କରିବା ନିମନ୍ତେ ନଗରଦ୍ୱାର ଜଗି ରହିଲେ । କିନ୍ତୁ ତାଙ୍କର ନୂତନ ବନ୍ଧୁମାନେ, ଶିଷ୍ୟମାନେ, ରାତ୍ରୀସମୟରେ ତାଙ୍କୁ ଘେନି ଗୋଟିଏ ବେତାରେ ପ୍ରାଚିର ଦେଇ ତଳକୁ ଓହ୍ଲାଇଦେଲେ ।  ଏବଂ ସେହି ସମୟଠାରୁ ଶାଉଲ ଯେ ବିଶ୍ୱାସି ମାନଙ୍କ ନିମନ୍ତେ ଏକ ନିର୍ଯ୍ୟାତନାକାରୀ ଥିଲେ ବର୍ତ୍ତମାନ ସେ ତାଙ୍କ ନୂତନ ପ୍ରଭୁଙ୍କ ସହିତ ବିଶ୍ୱସ୍ତତାରେ ଜୀବନ ଯାପନ କଲେ ।  ପ୍ରଭୁ ଯୀଶୁ ଖ୍ରୀଷ୍ଟ

# ତାଡ଼ନା କାରୀରୁ ପ୍ରଚାରକ

ବାଇବଲ, ପରମେଶ୍ୱରଙ୍କ ବାକ୍ୟରୁ ଏକ କହାଣୀ

ରୁ ଅନୁସନ୍ଧାନ କରାଯାଇଅଛି

ପ୍ରେରିତ ୮-୯

"ତୁମ୍ଭ ପ୍ରଦେଶର ଶବ୍ଦ ଆଲୋକ ପ୍ରଦାନ କରିବ ।"
ଗୀତସଂହିତା ୧୧୯ : ୧୩୦

# ସମାପ୍ତି

ଏହି ବାଇବଲ୍ କହାଣି ଈଶ୍ୱରଙ୍କ ବିଷୟରେ ଆମ୍ଭମାନଙ୍କୁ କହେ, ଯିଏ କି ଆମ୍ଭମାନଙ୍କୁ ସୃଷ୍ଟି କରିଅଛନ୍ତି ଏବଂ ସେହି ଈଶ୍ୱର ଚାହାଁନ୍ତି ତୁମ୍ଭେ ତାହାଙ୍କୁ ଜାଣ ।

ଆମ୍ଭେମାନେ ମନ୍ଦକାର୍ଯ କରିଅଛୁ ତାହା ଈଶ୍ୱର ଜାଣନ୍ତି, ଯାହାକୁ ଈଶ୍ୱର କହନ୍ତି ପାପ । ଆଉ ପାପର ବେତନ ହେଉଛି ମୃତ୍ୟୁ, କିନ୍ତୁ ଈଶ୍ୱର ତୁମ୍ଭକୁ ଏଡ଼େ ପ୍ରେମକଲେ ଯେ, ଆପଣା ଅଦ୍ୱିତୀୟ ପୁତ୍ରଙ୍କୁ ଜଗତକୁ ପଠାଇଲେ ଆମ୍ଭମାନଙ୍କର ପାପ ସକାଶୁ ସେ କ୍ରୁଶ ଉପରେ ମୃତ୍ୟୁବରଣ କଲେ । ପୁନର୍ବାର ଯୀଶୁଖ୍ରୀଷ୍ଟ ଜୀବନକୁ ଫେରିଲେ, ଆଉ ସେ ସର୍ଗ ଗୃହକୁ ଗମନ କଲେ । ଯଦି ତୁମେ ଯୀଶୁଖ୍ରୀଷ୍ଟଙ୍କଠାରେ ବିଶ୍ୱାସ କର ଆଉ ନିଜର ପାପ କ୍ଷମା ନିମନ୍ତେ ତାଙ୍କୁ ପଚାର, ଆଉ ସେ ନିଶ୍ଚୟ କ୍ଷମା କରିବେ । ବର୍ତ୍ତମାନ୍ ସେ ଆସିବେ ଏବଂ ତୁମ୍ଭଠାରେ ବାସ କରିବେ ଆଉ ତୁମ୍ଭ ମଧ୍ୟ ତାଙ୍କଠାରେ ଚିର କାଳ ପର୍ଯନ୍ତ ବାସ କରିବ ।

ଯଦି ତୁମ୍ଭେ ଏହା ହିଁ ସତ୍ୟବୋଲି ବିଶ୍ୱାସ କର, ତହିଁରେ ଈଶ୍ୱରଙ୍କୁ କୁହନ୍ତୁ: ପ୍ରିୟର ଯୀଶୁଖ୍ରୀଷ୍ଟ ମୁଁ ବିଶ୍ୱାସ କରେ କି ତୁମ୍ଭେ ହିଁ ଈଶ୍ୱର ଏବଂ ତୁମ୍ଭେ ମନୁଷ୍ୟ ରୁପ ଧାରଣ କରି, ମୋ କରିପାରିବି ନିମନ୍ତେ ମୃତ୍ୟୁବରଣ କଲ, ବର୍ତ୍ତମାନ୍ ଜୀବିତ ଅଛନ୍ତି । ମୁଁ ମଧ୍ୟ ନୂତନ ଜୀବନ ଧାରଣ କରିପାରିବ, ଆଉ ସେହି ଦିନ ଠାରୁ ତୁମ୍ଭ ସହିତ ଚିରକାଳ ରହିବି । ତୁମ୍ଭରି ଆଜ୍ଞାକାରି ସନ୍ତାନ ଓ ତୁମ୍ଭ ନିମନ୍ତେ ବଞ୍ଚିବାକୁ ସାହାଯ୍ୟ କରନ୍ତୁ । ଆମେନ୍ ।

ବାଇବଲ୍ ଅଧ୍ୟୟନ କରନ୍ତୁ ଆଉ ପ୍ରତ୍ୟେକ ଦିନ ଈଶ୍ୱରଙ୍କ ସହିତ କଥୋପକଥନ ହୁଅନ୍ତୁ । ଯୋହନ ୩:୧୬